**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**8 August– 2026**

# ଖରିଫ୍ ଧାନ-ସାର

ସାରର ଉପଯୁକ୍ତ ଯୋଗାଣ ଏବଂ ବଣ୍ଟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ବିଭିନ୍ନ କିସମର ସାର ଆବଣ୍ଟନକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ମାର୍କଫେଡ୍, ପ୍ରାଥମିକ କୃଷି ସମବାୟ ସମିତି, ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଏବଂ ଅଧିକୃତ ଖୁଚୁରା ବିକ୍ରେତାଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣର ସାର ଗଚ୍ଛିତ ଅଛି ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି । ସାରର କଳାବଜାରୀ ରୋକିବା ପାଇଁ ଜିଲ୍ଲାପାଳମାନଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଅନ୍ୟପକ୍ଷରେ ଚଳିତବର୍ଷ ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତମାସ ଶେଷ ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଚାଲିବ। ସେବା ସମବାୟ ସମିତି କିମ୍ବା 'ଫୁଡ୍ ଓଡ଼ିଶା ଡଟ୍ ଇନ୍'ରେ ଚାଷୀମାନେ ନାମ ପଞ୍ଜୀକରଣ କରିପାରିବେ। ସରକାରୀ ସୂଚୀ ଅନୁଯାୟୀ ଚଳିତବର୍ଷ ନଭେମ୍ବର ମାସ ପହିଲାରୁ ଆସନ୍ତାବର୍ଷ ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିବ ।

# କ୍ଷୟକ୍ଷତି ଆକଳନ

ଭୁବନେଶ୍ୱର ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା କ୍ଷୟକ୍ଷତି ଆକଳନ ସମ୍ପର୍କରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏକ ସମୀକ୍ଷା ବୈଠକ କରିଛନ୍ତି । ବନ୍ୟାରେ ପ୍ରାୟ ୨୩ଟି ଜିଲ୍ଲାର ୩ହଜାର ୫୬୭ଟି ଘର ଏବଂ ୩୭ହଜାର ୨୯୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିବା ବୈଠକରୁ ଜଣାପଡିଛି । ବନ୍ୟା  କ୍ଷତିଗ୍ରସ୍ତ ଲୋକମାନଙ୍କୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ମାଧ୍ୟମରେ କ୍ଷତିପୂରଣ ଦେବା ପାଇଁ ଜିଲ୍ଲା ପ୍ରଶାସନଗୁଡିକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଶିକ୍ଷକ ନିଯୁକ୍ତି

ଜଣେ ଲେଖାଏଁ ଶିକ୍ଷକ ଥିବା ପ୍ରାଥମିକ ବିଦ୍ୟାଳୟଗୁଡିକରେ ତୁରନ୍ତ ଆଉ ଜଣେ ଶିକ୍ଷକ ନିଯୁକ୍ତି କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷା ଅଧିକାର ଆଇନ-୨୦୦୯ନିୟମାବଳୀ ଅନୁସାରେ ପ୍ରାଥମିକ ବିଦ୍ୟାଳୟଗୁଡିକରେ ନିର୍ଦ୍ଧାରିତ ଶିକ୍ଷକ ଓ ଛାତ୍ର ଅନୁପାତ ଏବଂ ସର୍ବନିମ୍ନ ଶିକ୍ଷକ ସଂଖ୍ୟାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଗଣଶିକ୍ଷା ବିଭାଗର ସଚିବ ଏନ. ତିରୁମାଲ୍ଲା ନାୟକ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି ।

## ହସ୍ତତନ୍ତ ପୁରସ୍କାର

ଦ୍ୱାଦଶ ଜାତୀୟ ହସ୍ତତନ୍ତ ଦିବସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷିତ ୧୦ଟି ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟରୁ ୯ଟି ବରଗଡ ଜିଲ୍ଲା ହାସଲ କରିଛି । ବରଗଡ ସ୍ଥିତ ଉପବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ ହସ୍ତତନ୍ତ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ବରଗଡର କାରିଗର ଜିଲ୍ଲା ପାଇଁ ଗୌରବ ହାସଲ କରିଥିବା କହିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଚାରାରୋପଣ,ବିଭିନ୍ନ ହସ୍ତତନ୍ତ ସାମଗ୍ରୀର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା ।

## ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜସିକ୍ରେ ମାଥିଲି ବ୍ଲକର ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ସ୍ଥିତିର ଅନୁଧ୍ୟାନ କରିଛନ୍ତି । ସଂଶୋଧନ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ଭୋଟରଙ୍କୁ ସାମିଲ କରିବା ସହ  ତାଲିକା ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ଅନ୍ୟପକ୍ଷରେ ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ୧୪୬ର ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନକୁ ନେଇ ସର୍ବଦଳୀୟ ସମୀକ୍ଷା ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଦାବି ଓ ଆପତ୍ତି

ସମ୍ପର୍କୀତ ସମସ୍ତ ଫର୍ମର ତାଲିକା ହସ୍ତାନ୍ତର କରାଯାଇଛି । ବୁଥସ୍ତରୀୟ ଏଜେଣ୍ଟ ଜରିଆରେ  ତାଲିକା ଯାଞ୍ଚ କରିବାକୁ ରାଜନୈତିକ ଦଳଗୁଡିକୁ ବୈଠକରେ ଅନୁରୋଧ କରାଯାଇଛି ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ଏବଂ ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପୁରୁଣାବଜାର ନାରାୟଣଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟଠାରେ ଶିଶୁ ଅଧିକାର ସମ୍ପର୍କୀତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ଶିଶୁ ଅଧିକାର ସମ୍ପର୍କୀତ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ପ୍ରସ୍ତୁତି ବୈଠକ

ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ପାପଡାହାଣ୍ଡି ଶହୀଦ ଦିବସ ପାଳନ ଅବସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୪ତାରିଖରେ ହେବାକୁ ଥିବା ଶହୀଦ ଦିବସ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

# ହକି

ହକି ଇଣ୍ଡିଆ ପକ୍ଷରୁ ପୁରୁଷ କନିଷ୍ଠ ଏସୀୟା କପ୍-୨୦୨୬ ପାଇଁ ୧୮ଜଣିଆ ଭାରତୀୟଦଳ ଘୋଷଣା କରାଯାଇଛି । ଚଳିତମାସ ୩୦ତାରିଖଠାରୁ ଚୀନର ମୋକିଠାରେ ଆରମ୍ଭ ହେଉଥିବା ପ୍ରତିଯୋଗିତା ପାଇଁ ଘୋଷିତ ତାଲିକାରେ ଓଡିଶାର ୫ଜଣ ଖେଳାଳି ସ୍ଥାନ ପାଇଛନ୍ତି । ଏହାଛଡା ବିକଳ୍ପ ଖେଳାଳୀଭାବେ ଓଡିଶାରୁ ଅନ୍ୟ ଏକ ଖେଳାଳୀଙ୍କୁ ମଧ୍ୟ ମନୋନୀତ କରାଯାଇଛି ।

# ପାଣିପାଗ

ଉତ୍ତର ଓଡ଼ିଶା ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଦକ୍ଷିଣ ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ବାଂଲାଦେଶ ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆଜି ସୁଦ୍ଧା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଆସନ୍ତା ସପ୍ତାହ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତି କହିଛନ୍ତି –

**V/O**

ଅନ୍ୟପକ୍ଷରେ ଆସନ୍ତା ସପ୍ତାହ ୧୨ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ବର୍ଷାକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାର ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ରଗୁଡିକୁ ଆଜି ପାଇଁ ବନ୍ଦ ରଖାଯାଇଛି ।